**NEW PAPER:** Prameya

**DATE:** 23.01.2019

**PAGE:** 6

ପ୍ରମେୟ
THE PRAMEYA

# ଏଏସ୍‌ବିଏମ୍‌ରେ ଜାତୀୟ ମାର୍କଲୋଜିଷ୍ଟିକ୍‌ସ ସିମ୍ପୋଜିୟମ୍



ଭୁବନେଶ୍ୱର,୨୨।୧(ବ୍ୟୁରୋ): ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ (ଏଏସ୍‌ବିଏମ୍) ଆନୁକୂଲ୍ୟରେ ଅଷ୍ଟମ ଜାତୀୟ ମାର୍କଲୋଜିଷ୍ଟିକ୍‌ସ ସିମ୍ପୋଜିୟମ୍-୨୦୧୯ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡି. କେ ସାମନ୍ତରାୟ, ଆଇଆରଏଏସ୍, ଅନୁଗୁଳ, ସୁକିନ୍ଦା ରେଲୱେ ଲିମିଟେଡ୍‌ର ଏମ୍‌ଡି ଯୋଗଦେଇ ତାଙ୍କ ଅଭିଭାଷଣରେ ଅର୍ଥନୀତିର ବିକାଶ କ୍ଷେତ୍ରରେ ଲଜିଷ୍ଟିକ୍‌ସ କ୍ଷେତ୍ରର ପ୍ରମୁଖ ଭୂମିକା ଅଛି ବୋଲି କହିଥିଲେ। ଏମ୍‌ଏମ୍‌ଟିସି ଲିମିଟେଡ୍‌ର ପରିଚାଳକ କେ. କେ ପଲ୍ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିଯୋଗିତାମୂଳକ ବ୍ୟବସ୍ଥାଗତ କାର୍ଯ୍ୟ କୌଶଳ ଉପରେ ଆଲୋଚନା କରିଥିଲେ। ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ସିମ୍ପୋଜିୟମ୍‌ର ଅଧ୍ୟକ୍ଷତା କରି ତିନୋଟି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯଥା ପ୍ରଯୁକ୍ତି ବିଦ୍ୟା, ନବୀନପ୍ରକ୍ରିୟା ଏବଂ ବ୍ୟବସାୟିକ କୌଶଳ ଉପରେ କହିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ ସିମ୍ପୋଜିୟମ୍‌ର ଶୀର୍ଷକ ଉପରେ ଆଲୋକପାତ କରି ମାର୍କେଟିଂ ଓ ଲଜିଷ୍ଟିକ୍‌ସ କ୍ଷେତ୍ରର ସମ୍ମିଶ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସିମ୍ପୋଜିୟମ୍‌ର କୋର୍ଡିନେଟର ଡ. ପ୍ରକାଶ ଚନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିମ୍ପୋଜିୟମ୍‌ର କୋ-କୋର୍ଡିନେଟର ପ୍ରଫେସର ସ୍ୱସ୍ତି ଶୁଭଶ୍ୱେତା ଶତପଥୀ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI